# NATIONAL NEWS BULLETIN (ODIA)

## 4 April - 2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାର ମଞ୍ଜୁରୀ ଲାଭ କଲା ୱାକଫ୍ ସଂଶୋଧନ ବିଧେୟକ ୨୦୨୫ ।

– ୧୨ଘଣ୍ଟା ଧରି ବିତର୍କ ପରେ ହେଲା ଭୋଟ୍ ଗ୍ରହଣ ।

– ବିଧେୟକ ସପକ୍ଷରେ ୧୨୮ ଓ ବିରୋଧରେ ଭୋଟ୍ ଦେଲେ ୯୫ ଜଣ ସଦସ୍ୟ ।

- ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆଜି ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ସମ୍ପର୍କିତ ବୈଧାନିକ ସଂକଳ୍ପ ରାଜ୍ୟସଭାରେ ଗୃହିତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୮୦ରନ୍‌ରେ ପରାସ୍ତ କରିଛି କୋଲକାତା ନାଇଟ୍‌ରାଇଡର୍ସ୍ ।

## ପାର୍ଲାମେଣ୍ଟ-ଓ୍ୱାକଫ୍ ବିଲ୍

ଓ୍ୱାକଫ୍ ସଂଶୋଧନ ବିଲ୍ ୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ଆଜି ସକାଳେ ରାଜ୍ୟସଭାରେ ଏହାକୁ ଅନୁମୋଦନ ମିଳିଛି । ବିଲ୍ ସପକ୍ଷରେ ୧୨୮ ଜଣ ସଦସ୍ୟ  ମତଦାନ କରିଥିବା ବେଳେ ବିରୋଧରେ ୯୫ ଜଣ ସଦସ୍ୟ ଭୋଟ୍ ଦେଇଥିଲେ । ୧୨ ଘଣ୍ଟା ଧରି ରାଜ୍ୟସଭାରେ ଓ୍ୱାକଫ୍ ସଂଶୋଧନ ବିଧେୟକ ଉପରେ ଆଲୋଚନା ଜାରି ରହିଥିଲା । ଲୋକସଭାରେ ଏହି ବିଧେୟକକୁ ପୂର୍ବରୁ ମଞ୍ଜୁରୀ ମିଳିସାରିଛି ।

ଓ୍ୱାକଅଫ୍ ସଂଶୋଧନ ବିଲ୍ ୨୦୨୫ର ଉଦ୍ଦେଶ୍ୟ ହେଉଛି ଓ୍ୱାକ୍‌ଅଫ୍ ସମ୍ପତ୍ତି ପରିଚାଳନାକୁ ଶୃଙ୍ଖଳିତ କରିବା, ଐତିହ୍ୟ ସ୍ଥଳଗୁଡ଼ିକର ସୁରକ୍ଷା ଏବଂ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା । ଏହି ବିଲ୍‌ରେ ଓ୍ୱାକଅଫ୍ ବୋର୍ଡ ଏବଂ ଅନ୍ୟ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟକୁ ଶୃଙ୍ଖଳିତ କରିବା ସହିତ ପରିଚାଳନାଗତ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ବ୍ୟବସ୍ଥା

କରାଯାଇଛି । ଅନ୍ୟପକ୍ଷରେ ମୁସଲମାନ ମହିଳା ବିଶେଷକରି ବିଧବା ଏବଂ ଛାଡପତ୍ର ପାଇଥିବା ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣିବାଲାଗି ଏହି ବିଲ୍‌ରେ ବ୍ୟବସ୍ଥା କରାଯାଇଛି । ଓ୍ୱାକ୍‌ଅଫ୍ ବୋର୍ଡ ପରିଚାଳନା ଏବଂ ନୀତିଗତ ନିଷ୍ପତ୍ତି କ୍ଷେତ୍ରରେ ମୁସଲମାନ ସମ୍ପ୍ରଦାୟର ପ୍ରତିନିଧିତ୍ୱକୁ ଏହି ବିଲ୍‌ରେ ଅଗ୍ରାଧିକାର ଦିଆଯାଇଛି ।

ଏହି ବିଧେୟକ ଉପରେ ବିତର୍କର ଉତ୍ତରରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଏହି ଆଇନ୍ ଦ୍ୱାରା କୋଟି କୋଟି ଗରିବ ମୁସଲମାନ ଉପକୃତ ହେବେ ଏବଂ ଏହା କୌଣସି ପ୍ରକାରରେ କୌଣସି ମୁସଲମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ ନାହିଁ । ସେ କହିଛନ୍ତି, ନରେନ୍ଦ୍ର ମୋଦୀ ସରକାର ସବ୍ କା ସାଥ୍ ସବ୍ କା ବିକାଶ ଲକ୍ଷ୍ୟ ନେଇ କାମ କରୁଛନ୍ତି ଏବଂ କୌଣସି ସମ୍ପ୍ରଦାୟ ସହିତ ଭେଦଭାବ କରାଯାଉ ନାହିଁ । ସେ କହିଛନ୍ତି, ତାଙ୍କୁ ମୁସଲମାନ ସମ୍ପ୍ରଦାୟର ଲୋକମାନେ ସାକ୍ଷାତ କରିବାକୁ ଆସିଥିଲେ ଏବଂ ଏହି ବିଲ୍‌କୁ ଶୀଘ୍ର ମଞ୍ଜୁରୀ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ସରକାର ମୁସଲମାନମାନଙ୍କୁ ଦେଶର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଉଦ୍ୟମ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ ରାଜ୍ୟସଭାରେ କହିଛନ୍ତି । ସେ କହିଛନ୍ତି, ଯୁଗ୍ମ ସଂସଦୀୟ କମିଟିରେ ସଦସ୍ୟମାନଙ୍କ ମତାମତ ଶୁଣିବା ସହ ସେମାନଙ୍କ ପରାମର୍ଶକୁ ଏହି ବିଧେୟକରେ ଅନ୍ତର୍ଭୁକ୍ତ କରାଯାଇଛି ।

## V/O-KIRAN-WAQF-1

ସେ କହିଛନ୍ତି, କେନ୍ଦ୍ରୀୟ ୱାକଫ୍ ପରିଷଦରେ ୨୨ ଜଣ ସଦସ୍ୟ ରହିବେ, ଯେଉଁଥିରେ ଜଣେ କାର୍ଯ୍ୟନିର୍ବାହୀ ସଦସ୍ୟ ଏବଂ ୪ରୁ ଅଧିକ ଅଣମୁସଲମାନ ସଦସ୍ୟ ରହିପାରିବେ ନାହିଁ । ସେ କହିଛନ୍ତି, ୱାକଫ୍ ବୋର୍ଡର ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୩ ଜଣ ଅଣମୁସଲମାନ ସଦସ୍ୟ ରହିବେ । ଏହି ୱାକଫ୍‌ବୋର୍ଡ ଏକ ବୈଧାନିକ ସଂସ୍ଥା ଓ ଏହା ଧର୍ମନରିପେକ୍ଷ ହେବା ଉଚିତ୍ । କିନ୍ତୁ ସରକାର ଏଥିରେ ଅଣମୁସଲମାନ ସଦସ୍ୟଙ୍କ ସଂଖ୍ୟା ସୀମିତ ରଖିଛନ୍ତି ।

## V/O-KIRAN-WAQF-2

ପୂର୍ବରୁ ଏହି ବିଲ୍ ଆଗତ କରି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ସମସ୍ତ ଅଂଶିଦାରମାନଙ୍କ ସହ ବିସ୍ତୃତ ଆଲୋଚନା ପରେ ଯୁଗ୍ମ ସଂସଦୀୟ କମିଟି ପକ୍ଷରୁ ଏହି ବିଲ୍ ଅଣାଯାଇଛି । ଏହାକୁ ସମର୍ଥନ କରିବାକୁ ସେ ବିରୋଧୀ ଦଳ ଗୁଡ଼ିକୁ ଅନୁରୋଧ କରିଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସଦସ୍ୟ ଡକ୍ଟର ସୟଦ ନାସିର ହୁସେନ କହିଥିଲେ, ଏହି ବିଧେୟକ ବିଭ୍ରାନ୍ତିକର ଏବଂ ସାମ୍ପ୍ରଦାୟିକ ସମସ୍ୟା ସୃଷ୍ଟି କରିବ । ସେ କହିଥିଲେ, ବିଜେପି ସମ୍ପ୍ରଦାୟକୁ ବିଭାଜନ କରିବାକୁ ଚେଷ୍ଟା କରୁଛି । ବିଜେପି ସରକାର ସମୟରେ ୱାକଫ୍ ପରିଷଦ ପାଇଁ କୌଣସି ପାଣ୍ଠି ଆବଣ୍ଟନ କରାଯାଇ ନ ଥିଲା ଏବଂ ୱାକଫ୍ ପରିଷଦର କର୍ମଚାରୀଙ୍କୁ ମଧ୍ୟ ଦରମା ଦିଆଯାଇ ନ ଥିଲା ।

ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିରୋଧୀ ଦଳ ଗୁଡ଼ିକ ଏହି ବିଧେୟକ ସମ୍ପର୍କରେ ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ ।

ବିତର୍କରେ ଭାଗ ନେଇ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟସଭାରେ ଦଳର ନେତା ଜେ.ପି. ନଡ୍ଡା କହିଥିଲେ, ଗୃହ ଏହି ୱାକଫ୍ ପରିଚାଳନାକୁ ସଶକ୍ତ କରିବା ଏବଂ ଦକ୍ଷ ଭାବେ ପରିଚାଳନା କରିବା ଲାଗି ସମର୍ଥନ କରିବେ । ସେ କହିଥିଲେ, ଏହି ବିଧେୟକର ମୂଳ ଉଦ୍ଦେଶ୍ୟ ହେଉଛି, ସଂସ୍କାର ଆଣିବା ଏବଂ ୱାକଫ୍ ସମ୍ପତ୍ତିର ଉପଯୁକ୍ତ ପରିଚାଳନା କରିବା ।

**V/O-JP NADDA -WAQF-1**

ଡି.ଏମ୍.କେ. ସାଂସଦ ତିରୁଚି ଶିବା ବିଧେୟକକୁ ବିରୋଧ କରି କହିଥିଲେ, ଏଥିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ୍ କରାଯାଇଛି । ଏହାକୁ ସେ ଅସାମ୍ବିଧାନିକ ବୋଲି କହିଥିଲେ । ତୃଣମୂଳ କଂଗ୍ରେସର ମହମ୍ମଦ ନାଦିମୁଲ୍ ହକ୍ କହିଥିଲେ ଏହି ବିଧେୟକ ଲୋକଙ୍କ ମୌଳିକ ଅଧିକାରର ବିରୋଧି । ଆମ୍ ଆଦ୍‌ମୀ ପାର୍ଟିର ସଦସ୍ୟ ସଂଜୟ ସିଂହ ଏହି ବିଲ୍‌କୁ ଅସାମ୍ବିଧାନିକ ବୋଲି କହିବା ସହ ଏହାକୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଆର୍.ଜେ.ଡି.ର ପ୍ରଫେସର ମନୋଜ କୁମାର ଝା ଏହି ବିଲ୍‌ର ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ଉପରେ ପ୍ରଶ୍ନ କରିଥିଲେ ।

ବିଜେପି ସଦସ୍ୟ ରାଧାମୋନ ଦାସ ଆଲୋଚନାରେ ଭାଗ ନେଇ କଂଗ୍ରେସ ଶାସନ ସମୟରେ ମୁସଲମାନମାନଙ୍କ ଜୀବନରେ ଉନ୍ନତି ଆଣିବା ଲାଗି କୌଣସି କାର୍ଯ୍ୟ କରାଯାଇ ନ ଥିବା କହିଥିଲେ । ସେ କହିଥିଲେ, ଗରିବ ମୁସଲମାନ ସମ୍ପ୍ରଦାୟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବିଲ୍ ଆଣିଛନ୍ତି ।

ଜେ.ଡି.ଏସ୍. ମୁଖ୍ୟ ଏଚ୍.ଡି. ଦେବଗୌଡ଼ା ଓ୍ୱାକଫ୍ ସଂଶୋଧନ ବିଧେୟକ ପାଇଁ ନରେନ୍ଦ୍ର ମୋଦୀ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ, ଏହି ମୁସଲମାନ ସମ୍ପ୍ରଦାୟରେ ଧନୀ ଏବଂ ଶକ୍ତିଶାଳୀ ଲୋକମାନେ ଓ୍ୱାକାଫ୍ ସମ୍ପତ୍ତିର ଅପବ୍ୟବହାର କରିଛନ୍ତି । ଶିବସେନା ସଦସ୍ୟ ସଂଜୟ ରାଉତ ଏହି ବିଲ୍‌କୁ ଦେଶ ବିରୋଧି ବୋଲି କହିଥିଲେ । ସମାଜବାଦୀ ପାର୍ଟିର ଡକ୍ଟର ରାମ ଗୋପାଳ ଯାଦବ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପରିବର୍ତ୍ତେ ଏକଛତ୍ରବାଦ ଆଡ଼କୁ ଗତି କରୁଛି ବୋଲି କହିଥିଲେ ।

ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏହି ବିଲ୍‌କୁ ବିରୋଧ କରିବା ସହ ଏହାକୁ ପ୍ରତ୍ୟାହାର କରିବାକୁ ସରକାରଙ୍କୁ ଦାବି କରିଥିଲେ । ସେ କହିଥିଲେ, ଏହି ବିଲ୍‌ରେ କୌଣସି ନୂତନତ୍ୱ ନାହିଁ ଏବଂ ଏହା ସାମ୍ବିଧାନିକ ନିୟମର ବିରୋଧରେ ଯାଉଛି । ଏ.ଆଇ.ଏ.ଡି.ଏମ୍.କେ. ସଦସ୍ୟ ଡକ୍ଟର ଏମ୍. ଥମ୍ବିଦୁରାଇ କହିଛନ୍ତି, ସରକାର ଓ୍ୱାକଫ୍ ବୋର୍ଡ ଏବଂ

ୱାକଫ୍ ବୋର୍ଡ ପରିଷଦ ଗଠନରେ ପରିବର୍ତ୍ତନ ଆଣିବା ପାଇଁ ଏହି ଆଇନ୍ ଆଣିଛନ୍ତି । ବିଜେପିର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଗରିବ ମୁସଲମାମାନଙ୍କ କଲ୍ୟାଣ ପାଇଁ ସରକାର ଏହି ବିଧେୟକ ଆଣିଛନ୍ତି । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲା କହିଛନ୍ତି, ଏହି ବିଲ୍ ଅସାମ୍ବିଧାନିକ ନୁହେଁ । କଂଗ୍ରେସର ଅଭିଶେକ ମନୁ ସିଂଘଭି, ଏନ୍.ସି.ପି.ର ପ୍ରଫୁଲ୍ଲ ପଟେଲ, ଶିବସେନାର ମିଲିନ୍ଦ ମୁରଲୀ ଦେଓରା, ଏନ୍.ସି.ସି.-ଏସ୍.ସି.ପି.ର ଡକ୍ଟର ଫୌଜିୟା ଖାଁ ପ୍ରମୁଖ ବିତର୍କରେ ଅଂଶଗ୍ରହଣ କରିଥିଲେ ।

## ପିଏମ୍-ଥାଇଲାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଷଷ୍ଠ ବିମ୍‌ଷ୍ଟେକ୍ ସମ୍ମିଳନୀରେ ଯୋଗଦେବେ । ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଏହି ଶିଖର ସମ୍ମିଳନୀ ଆୟୋଜିତ ହେଉଛି । ଏହାର ବିଷୟବସ୍ତୁ ରହିଛି, ସମୃଦ୍ଧ, ସହନଶୀଳ ଏବଂ ମୁକ୍ତ ବିମ୍‌ଷ୍ଟେକ୍ । ଏହି ଶିଖର ସମ୍ମିଳନୀରେ ବ୍ୟାଙ୍କକ୍ ଭିଜନ୍ ୨୦୩୦କୁ ଗ୍ରହଣ କରାଯିବ ଏବଂ ବିମ୍‌ଷ୍ଟେକ୍‌ର ଭବିଷ୍ୟତ ଦିଗ ନିର୍ଦ୍ଧାରଣ ପାଇଁ ସ୍ୱତନ୍ତ୍ର ଗୋଷ୍ଠୀର ରିପୋର୍ଟ୍‌କୁ ମଧ୍ୟ ଅନୁମୋଦନ କରାଯିବ ।

ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଥାଇଲାଣ୍ଡ ଗସ୍ତରେ ଯାଇ ପହଞ୍ଚିବା ପରେ ବିମାନ ବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ

କରାଯାଇଥିଲା । ସେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଥାକସିନ୍ ସିନାୱାତ୍ରାଙ୍କୁ ସାକ୍ଷାତ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଥାଲାଇଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନାକୁ ଆନନ୍ଦଦାୟକ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଶାସନ ଏବଂ ନୀତିନିର୍ଦ୍ଧାରଣ କ୍ଷେତ୍ରରେ ଶ୍ରୀ ସିନାୱାତ୍ରାଙ୍କର ବ୍ୟାପକ ଅଭିଜ୍ଞତା ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ସିନାୱାତ୍ରା ଭାରତର ଜଣେ ମହାନ ବନ୍ଧୁ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା । ଶ୍ରୀ ମୋଦୀ କହିଛନ୍ତି, ସେ ଏବଂ ଶ୍ରୀ ସିନାୱାତ୍ରା ଭାରତ-ଥାଇଲାଣ୍ଡ ସହଯୋଗ ଏବଂ ଏହା କିପରି ଉଭୟ ଦେଶର ଲୋକମାନଙ୍କ ପାଇଁ ଲାଭଦାୟକ ହେବ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

ଆଲୋଚନା ପରେ ଭାରତ ଓ ଥାଇଲାଣ୍ଡ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ୬ଟି ବୁଝାମଣାପତ୍ର ସୂଚନା ପ୍ରଯୁକ୍ତି, ସାମୁଦ୍ରିକ, ଏସ୍ଏମ୍ଏସ୍ଇ, ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ପାଇଁ ଉଦ୍ଦିଷ୍ଟ । ଆଲୋଚନାକାଳରେ ଦ୍ୱିପାକ୍ଷିକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରର ଅଗ୍ରଗତିର ସମୀକ୍ଷା ସହ ଭାରତ-ଥାଇଲାଣ୍ଡ ଭାଗିଦାରୀକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ଆଞ୍ଚଳିକ ଓ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଏହି ଆଲୋଚନା

ସମୟରେ ପ୍ରଧାନମନ୍ତ୍ରୀ ଭାରତର ଆକ୍ଟ ଇଷ୍ଟ ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣରେ ଥାଇଲାଣ୍ଡର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ ।

**V/O-PM-THAILAND**

ଆଲୋଚନା ସମୟରେ ଉଭୟ ପକ୍ଷ ଉତ୍ତର ପୂର୍ବ ଭାରତ ଏବଂ ଥାଇଲାଣ୍ଡ ମଧ୍ୟରେ ପର୍ଯ୍ୟଟନ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଦ୍ୱିପାକ୍ଷିକ ଆଲୋଚନା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ଘଟିଥିବା ଭୂମିକମ୍ପରେ ପ୍ରାଣହରାଇଥିବା ବ୍ୟକ୍ତିଙ୍କ ପାଇଁ ଭାରତବାସୀଙ୍କ ପକ୍ଷରୁ ସମବେଦନା ଜଣାଇବା ସହ ଆହତଙ୍କ ଶୀଘ୍ର ଆରୋଗ୍ୟକାମାନ କରିଥିଲେ ।

ଅନ୍ୟ ପକ୍ଷରେ ସ୍ୱାଗତ ଓ ଆତୀଥେୟତା ପାଇଁ ଶ୍ରୀ ମୋଦୀ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ମୋଦୋୀ ଆଜିଠାରୁ ୩ ଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଏହି ଗସ୍ତ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ ଏହା ହେଉଛି ତାଙ୍କର ଚତୁର୍ଥ ଶ୍ରୀଲଙ୍କା ଗସ୍ତ ।

# ପାର୍ଲାମେଣ୍ଟ-ରିଜୋଲୁସନ୍ ମଣିପୁର

ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ସଂସଦରେ ବୈଧାନିକ ସଂକଳ୍ପ ଗୃହିତ ହୋଇଛି । ଏହାକୁ ରାଜ୍ୟସଭା ଅନୁମୋଦନ ପ୍ରଦାନ କରିଛି । ମଣିପୁର ସଂକ୍ରାନ୍ତରେ ସମ୍ବିଧାନର ଧାରା ୩୫୬(୧) ଅନୁଯାୟୀ ଚଳିତ ବର୍ଷ ଫେବୃୟାରୀ ୧୩ ତାରିଖରେ ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ବୈଧାନିକ ସଂକଳ୍ପକୁ ପୂର୍ବରୁ ଲୋକସଭାରେ ଅନୁମୋଦନ ମିଳିସାରିଛି ।

ଏ ସମ୍ପର୍କିତ ବିତର୍କ ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଗତ ନଭେମ୍ବର ମାସ ଠାରୁ ଏ ପର୍ଯ୍ୟନ୍ତ ମଣିପୁରରେ କୌଣସି ହିଂସା ଘଟିନାହିଁ । ସେଠାରେ ସରକାରଙ୍କ ବିଫଳତା ଯୋଗୁଁ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିବା ନେଇ ବିରୋଧୀ ଦଳଙ୍କ ଅଭିଯୋଗକୁ ଶ୍ରୀ ଶାହା ଖଣ୍ଡନ କରିବା ସହ କହିଛନ୍ତି, ସେଠାକାର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ପରେ କୌଣସି ରାଜନୈତିକ ଦଳ ସରକାର ଗଠନ ପାଇଁ ଆଗେଇ ଆସିନଥିଲେ । ଫଳରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ୮୦ରନ୍‌ରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । କୋଲକାତାର ଇଡେନ୍ ଗାର୍ଡେନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍‌ରାଇଡର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୨୦୦ରନ୍ ସ୍କୋର କରିଥିଲା ।

ଏହାର ଜବାବରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ୧୬ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୨୦ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । କୋଲକାତାର ଭୈରବ ଅରୋରା ୩ଟି ଓ୍ୱିକେଟ୍ ନେଇଥିବା ବେଳେ ଭେଙ୍କଟେସ୍ ଆୟର୍ ସର୍ବାଧିକ ୬୦ରନ୍ ସ୍କୋର କରିଥିଲେ ।

ଆଜି ଆଇପିଏଲ୍‌ର ପରବର୍ତ୍ତି ମ୍ୟାଚ୍‌ରେ ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁକାବିଲା ହେବ ।